### ଅବ୍ୟବସ୍ଥାରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ

# ଶଯ୍ୟା ଅଭାବରୁ ଚଟାଣରେ ଗଡୁଛନ୍ତି ରୋଗୀ

ନୀଳଗିରି, ୨୩।୯ (ସମିସ)



ନୀଳଗିରି ଏକ ବଣ ପାହାଡ଼ ଘେରା ଦୁର୍ଗମ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ। ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଉପରେ ପ୍ରତିଦିନ ଶହ ଶହ ଲୋକେ ନିର୍ଭର କରିଥାନ୍ତି। ନୀଳଗିରି ଡାକ୍ତରଖାନା ଜିଲ୍ଲାର ଏକମାତ୍ର ଉପଖଣ୍ଡ ହସ୍ପିଟାଲର ମାନ୍ୟତା ପାଇଥିଲେ ମଧ୍ୟ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସମୟର ପରିବର୍ତ୍ତନ ଅନୁସାରେ ମେଡିକାଲର ଆବଶ୍ୟକତାକୁ ଆଧାର କରି ଜରୁରୀ ପ୍ରତିକାରକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଦିନକୁ ଦିନ ସ୍ୱାସ୍ଥ୍ୟସେବାରେ ଅବନତି ବୃଦ୍ଧି ପାଉଥିବାରୁ ଫଳରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ୭୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଏବେ କ୍ଷମତାଠାରୁ ଅଧିକ ଅର୍ଥାତ ଓଭରଲୋଡ୍‌ରେ ଚାଲିଛି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ। ଦୈନନ୍ଦିନ ଶହ ଶହ ରୋଗୀ ଦୂରରେ ଥିବା ମେଡିକାଲକୁ ନ ଯାଇପାରି ଧାଇଁ ଆସିଥାଆନ୍ତି ନୀଳଗିରି ମେଡିକାଲକୁ ଚିକିତ୍ସା ପାଇଁ। ହେଲେ ଶଯ୍ୟା ଅନୁପାତରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆସୁଥିବା ରୋଗୀମାନଙ୍କର ସେବା ଏଭଳି ବିପର୍ଯ୍ୟସ୍ତ ହୋଇ ପଡ଼ିଛି ବେଡ୍ ନ ପାଇ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି। ୧୯୮୦ ମସିହାରୁ ଲୋକସଂଖ୍ୟା ଆଧାରରେ ୭୦ ଟି ଶଯ୍ୟା ରହିଥିବା ବେଳେ ସମୟର ପରିବର୍ତ୍ତନ ଅନୁସାରେ ଲୋକସଂଖ୍ୟା ଦିଗୁଣିତ ହୋଇଛି ହେଲେ ଶଯ୍ୟା ସଂଖ୍ୟା ବଢୁ ନାହିଁ। ଏହି ଘଟଣା ଦୀର୍ଘ ଦିନ ଧରି ଲାଗିରହିଥିବା ବେଳେ ସରକାର ଉଦାସୀନ ରହିବା ପରିତାପର ବିଷୟ। ଏ ନେଇ ଏସଡିଏମଓ ଡାକ୍ତର ସତ୍ୟନାରାୟଣ ନାୟକଙ୍କୁ ପଚାରିବାରୁ ସରକାରଙ୍କୁ ଶଯ୍ୟା ବଢାଇବା ପାଇଁ ପ୍ରସ୍ତାବ ଦେଇଛୁ, ଆସିଲେ ଶଯ୍ୟା ବଢାଇବୁ। ଖାଲି ଏତିକି ନୁହେଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ବିଭିନ୍ନ ଡାକ୍ତର ଓ ନର୍ସ ପଦବୀ ଖାଲି ପଡିବା। ଏପରିକି ଆଟେଣ୍ଡାଣ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ଖାଲିପଡିଛି। ହେଲ୍ପଡେସ୍କର କିଛି କର୍ମଚାରୀ ପଦବୀ ଉଚ୍ଛେଦ କରାଯାଇ ତାଙ୍କୁ ଟିକେଟ କାଉଣ୍ଟରରେ ନିୟୋଜିତ ହୋଇଛନ୍ତି। ଆଉ କିଛି ଗୋଗୀଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ କିଛି ଡାକ୍ତରଙ୍କ ସେବା କାର୍ଯ୍ୟରେ ଲାଗିଛନ୍ତି। ସେହିପରି ଦିନ ଡ୍ୟୁଟି ଓ ରାତି ଡ୍ୟୁଟି ସମୟରେ ଅପରାହ୍ନ ଠାରୁ ଆରମ୍ଭ କରି ମଧ୍ୟରାତ୍ରୀ ଓ ସକାଳ ପର୍ଯ୍ୟନ୍ତ ରୋଗୀଙ୍କୁ ଭଗବାନ ଭରଷା ବୋଲି ଜଣାପଡିଛି। ଶତାଧିକ ରୋଗୀଙ୍କୁ ପୁରୁଷ ଓ ମହିଳା ବିଭାଗ ପାଇଁ ଜଣେ ମାତ୍ର ନର୍ସ ନିୟୋଜିତ ହୋଇଛନ୍ତି। ଏକାସାଙ୍ଗରେ ଅନେକ ଗୁରୁତର ରୋଗୀ ଆସିଗଲେ କେଉଁ ରୋଗୀଙ୍କୁ ଚିକିତ୍ସା କାର୍ଯ୍ୟ ପ୍ରଥମେ ଯୋଗାଇ ଦିଆଯିବ ସେ ନେଇ ତୁମ୍ବିତୋଫାନ ଉଠିଥାଏ।

## ରାସ୍ତା ମରାମତି ଓ ଜଳ ନିଷ୍କାସନ ଦାବି



ଜଳେଶ୍ୱର,୨୩।୯ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଦ୍ଧନା ଗ୍ରାମ ପଞ୍ଚାୟତର ଖରିଦା ଗ୍ରାମରେ ରାସ୍ତା ମରାମତି ଓ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଦାବି କରିଛନ୍ତି। ଏହି ଗ୍ରାମରେ ୬ଶହରୁ ଅଧିକ ଲୋକ ରହୁଥିବା ବେଳେ ଏହି ଗ୍ରାମର ଚାରିପାଖରେ ଚାଷ ଜମି ଥିବା ହେତୁ ଗ୍ରାମର ୯୫ ପ୍ରତିଶତରୁ ଅଧିକ ଲୋକ ଧାନ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ଷା ଦିନରେ ଲଗାଣ ବର୍ଷା ଯୋଗୁଁ ଜଳେଶ୍ୱର ସହରର ସମସ୍ତ ନିଷ୍କାସିତ ଜଳ ଏହି ଗ୍ରାମର ଚାଷ ଜମି ଓ ରାସ୍ତା ଉପରେ ବନ୍ୟା ସଦୃଶ ସମସ୍ତ ପାଣି ଗତି କରୁଥିବାରୁ ଗ୍ରାମର ଉପର ମୁଣ୍ଡରେ ଥିବା ସମସ୍ତ ଚାଷୀ ଓ ବସବାସ କରୁଥିବା ସମସ୍ତ ପରିବାର ଚାଷ କାର୍ଯ୍ୟ ଓ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏଠାରେ ରାସ୍ତା ମଧ୍ୟ ବିଲୁପ୍ତ ହେବାକୁ ବସିଲାଣି। ତେଣୁ ଏହି ସମସ୍ୟାର ସମାଧାନ ଓ ଲୁପ୍ତପ୍ରାୟ କଚ୍ଚା ରାସ୍ତାର ପୁନରୁଦ୍ଧାର କରିବା ନିମନ୍ତେ ଆବଶ୍ୟକ ଅର୍ଥ ମଞ୍ଜୁର କରିବା ପାଇଁ ଖରିଦା ଗ୍ରାମବାସୀ ବାସୁଦେବ ହୁଇ, କୁଳମଣି ମହାନ୍ତି, ପୂର୍ଣ୍ଣଚନ୍ଦ୍ର ହୁଇ, ଅନୁକୁଳ ହୁଇ, ପ୍ରମଥ କୁମାର ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ନବକୃଷ୍ଣ ସାମଲ, ଭାରତ ଜେନା, ସୁଧୀର ଜେନା, ଅଭିରାମ ମହାଲିକ, ହରିଶଙ୍କର ପାଲ୍, ସଞ୍ଜୀବ ପ୍ରଧାନ, ଅଲେଖ ହୁଇ, ଗିରିଜା ଶଙ୍କର ହୁଇ, ଦୈତାରି ଧଳ, ଶଙ୍କର ଦାସ, ନାରାୟଣ ହୁଇ, ସୁଜିତ ଗିରି, ପାର୍ଥ ସାରଥୀ ହୁଇ, ଅମରେଶ ହୁଇ, ସପନ ସାମଲ ପ୍ରମୁଖ ବିଡିଓ ଗୌରାଙ୍ଗ ଚରଣ ସିଂଙ୍କୁ ନିବେଦନ କରିଛନ୍ତି।

## କାଉମାରୀରେ ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା ଓ ଗ୍ରାମୀଣ ମେଳା



କାଳିପଦା, ୨୩।୯ (ସମିସ): ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତର କାଉମାରୀଠାରେ ସାର୍ବଜନୀନ ନବରାତ୍ର ଦୁର୍ଗା ଉତ୍ସବ ଓ ଗ୍ରାମୀଣ ମେଳା ଆରମ୍ଭ ହୋଇଛି। ୯ ଦିନ ଅବଧିରେ ମାତା ଦୁର୍ଗାଙ୍କର ଭିନ୍ନ ଭିନ୍ନ ରୂପର ମୃଣ୍ମୟୀ ମୂର୍ତ୍ତି ବିଧି ଅନୁସାରେ ଏଠାରେ ପୂଜାର୍ଚ୍ଚନା କରାଯିବ। ଦଶମୀ ତିଥିରେ ପୂଜା ସମାପନ ହେବ। ଗ୍ରାମବାସୀ, ପୂଜା କମିଟି ସହିତ ବରିଷ୍ଠ ପଣ୍ଡିତମାନଙ୍କ ଭବ୍ୟ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ଆରମ୍ଭ ହୋଇ ଥିବାବେଳେ ଲତାଯୋଡ଼ି ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡାଙ୍କ ପରିଚାଳନାରେ ଗ୍ରାମ୍ୟ ମୁଖ୍ୟ ଅନାଦି କୁମାର ପଣ୍ଡା, ଉପମୁଖ୍ୟ ଭୂପତି ଗିରି, କମିଟିର ସଭାପତି ନାରାୟଣ ପାଣିଗ୍ରାହୀ, ଉପସଭାପତି ପୁରସ୍ତମ ନାୟକ, ଦିବାକର ସାମନ୍ତରା, ସମ୍ପାଦକ ରଞ୍ଜନ କୁମାର ପଣ୍ଡା, ହରେକୃଷ୍ଣ ସାମଲ, ସୃଷ୍ଟିଧର ଦାଶ, ପରମାନନ୍ଦ ସାମଲ, ପ୍ରଦୀପ ସାମନ୍ତରା, ବୃନ୍ଦାବନ ପଡ଼ିଆରୀ, ରାମାନାଥ ପଡ଼ିଆରୀ, ଗଙ୍ଗାଧର ପଡ଼ିଆରୀ, ଅନାଦି ପଡ଼ିଆରୀ, ହିମାଂଶୁ ପାଢ଼ୀ, ଯତୀନ୍ଦ୍ର ପରିଡା, ରବୀନ୍ଦ୍ର ବିଶ୍ୱାଳ, ମହେଶ୍ୱର ନାୟକ, ସଲିଳ କୁମାର ଆଚାର୍ଯ୍ୟ, ରବୀନ୍ଦ୍ର ପାଣିଗ୍ରାହୀ, ସୁଧାଂଶୁ ରାଉତ, ଜଗଦୀଶ ମହାପାତ୍ର, ରମେଶ ଚନ୍ଦ୍ର ସାମଲ, ଅଞ୍ଜନ କୁମାର ସାମନ୍ତରା, ମାୟାଧର ପରିଡା, ଉପେନ୍ଦ୍ର ମିଶ୍ର, ଯତୀନ୍ଦ୍ର ପରିଡା, ଗୋପାଳ ପରିଡାଙ୍କ ସମେତ ଗ୍ରାମ ଓ ବହିର୍ଗ୍ରାମର ଯୁବ ଗୋଷ୍ଠୀଙ୍କ ମିଳିତ ଉଦ୍ୟମକ୍ରମେ ଏହି ଉତ୍ସବ ଚାଲୁ ରହିଛି। ସୋମବାର ଗ୍ରାମର ଏକ ହଜାରରୁ ଅଧିକ ମହିଳା ନିକଟସ୍ଥ ନଦୀରୁ ପାଣି ଉଠାଇ ଏକ ଶୋଭାଯାତ୍ରରେ ଆସି ମଣ୍ଡପ ସ୍ଥଳରେ ପହଞ୍ଚି ଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ମଣ୍ଡପ ନିକଟରେ ଭକ୍ତମାନଙ୍କ ଗହଳି ପରିଲକ୍ଷିତ ହୋଇଛି। କମିଟି ତରଫରୁ ଭଜନ ସାନ୍ଧ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ଯୁବତୀକୁ ଅସଦାଚରଣ, ଯୁବକ କୋର୍ଟ ଚାଲାଣ

ଜଳେଶ୍ୱର,୨୩।୯ (ସମିସ): ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ରାଇବଣିଆ ଥାନା ଅନ୍ତର୍ଗତ ଗୁଆଗଡିଆ ଗାଁର ଗୌରାଙ୍ଗ ବାରିକଙ୍କ ପୁଅ ବିନୋଦ ବାରିକ (୩୮)ଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ବିନୋଦ ସେହି ଗାଁର ଜଣେ ଯୁବତୀଙ୍କୁ ପ୍ରେମ ନିବେଦନ କରିବା ସହିତ ଅସଦାଚରଣ ଅଭିଯୋଗରେ ରାଇବଣିଆ ପୁଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ବିନୋଦ ପୂର୍ବରୁ ଜଣେ ଯୁବତୀକୁ ବିବାହ କରିଥିବା ବେଳେ ତାକୁ ଛାଡପତ୍ର ଦେଇ ଭୁବନେଶ୍ୱରର ଏକ ହୋଟେଲରେ କାର୍ଯ୍ୟ କରି ଆସୁଥିଲେ। ସେଠାରେ ପୁଣି ବିବାହ କରି ରହିଆସୁଥିବା ବେଳେ ପୂର୍ବରୁ ତା ନାମରେ ଅନ୍ୟ ଏକ ମାମଲା ରହିଥିଲା।

## ବାଲିଆପାଳକୁ ନୂତନ ଏନ୍‌ଏସି ମାନ୍ୟତା ଦାବିକଲେ ବିଧାୟିକା



ବାଲିଆପାଳ/କାଳିପଦା, ୨୩।୯ (ସମିସ): ବାଲିଆପାଳକୁ ନୂତନ ଏନ୍‌ଏସି ଘୋଷଣା ପାଇଁ ବିଧାନ ସଭାରେ ପୁଣି ଦାବି ଉପସ୍ଥାପନା କଲେ ବସ୍ତା ବିଧାୟିକା ସୁବାସିନୀ ଜେନା। ଜନ ସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବ ସରକାର ବାଲିଆପାଳକୁ ଏକ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଘୋଷଣା କରିଥିଲେ କିନ୍ତୁ ବର୍ତ୍ତମାନର ସରକାର ନିକଟରେ ଘୋଷଣା କରିଥିବା ଏନଏସି ତାଲିକାରେ ବାଲିଆପାଳ ବାଦ ପଡିଛି। ବାଲିଆପାଳକୁ ଏଥିରୁ ବଞ୍ଚିତ କରିବାର କାରଣ ସମ୍ବନ୍ଧରେ ଏବଂ କେବେସୁଦ୍ଧା ବାଲିଆପାଳକୁ ନୂତନ ଏନଏସି ଘୋଷଣା କରାଯିବ ତାହା ଜଣାଇବାକୁ ସେ ପ୍ରଶ୍ନ କରିଥିଲେ। ଏଥିସହିତ ଘୋଷଣା କରାଯାଇ ଥିବା ବସ୍ତା ଏନଏସିର ରୂପରେଖ ବାବଦରେ ଏବଂ ଏଥିରେ କେଉଁ କେଉଁ ଅଞ୍ଚଳକୁ ସାମିଲ କରାଯିବ ବୋଲି ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବାକୁ ବିଧାୟିକା ଜେନା ଗୃହରେ ଦାବି ଉପସ୍ଥାପନା କରିଥିଲେ। ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ବାଲିଆପାଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ.ଏ. ସି.) ଗଠନ ସମ୍ବନ୍ଧୀୟ ବିସ୍ତୁତ ତଥ୍ୟ ଜିଲ୍ଲାପାଳ, ବାଲେଶ୍ୱରଙ୍କଠାରୁ ମଗାଯାଇଥିଲା ଏବଂ ସମ୍ପୃକ୍ତ ତଥ୍ୟ ଜିଲ୍ଲାପାଳଙ୍କଠାରୁ ତା ୨୧.୦୨.୨୦୨୫ରିଖରେ ଏହି ବିଭାଗରେ ହସ୍ତଗତ ହୋଇଥିଲା। ମିଳିଥିବା ପ୍ରସ୍ତାବକୁ ଓଡ଼ିଶା ପୌର ଅଧିନିୟମ ୧୯୫୦ର ଧାରା ୪ର ବ୍ୟବସ୍ଥା ଅନୁସାରେ ତର୍ଜମା କରାଯାଇଥିଲା ଏବଂ କିଛି ତଥ୍ୟ ଅସମ୍ପୂର୍ଣ୍ଣ ଥିବା ହେତୁ ଜିଲ୍ଲାପାଳଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ନିମନ୍ତେ ପତ୍ରାଳାପ କରାଯାଇଛି। ସମ୍ପୂର୍ଣ୍ଣ ତଥ୍ୟ ହସ୍ତାଗତ ହେବା ପରେ, ଓଡ଼ିଶା ପୌର ଅଧିନିୟମ ୧୯୫୦ର ଧାରା ୪ର ବ୍ୟବସ୍ଥା ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଏଥି ସହିତ ନବଘୋଷିତ ବସ୍ତା ଏନ. ଏ. ସି. ବାବଦରେ ତା. ୧୬.୦୮.୨୦୨୫ରିଖରେ ଚିଠା ଅନୁସୂଚନାରେ ସରକାରଙ୍କ ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାଙ୍କଠାରୁ ଆପତ୍ତି ଓ ପରାମର୍ଶ ଗୁଡିକୁ ଆହ୍ୱାନ କରାଯାଇଛି। ଓଡ଼ିଶା ପୌର ଅଧିନିୟମ ୧୯୫୦ ଓ ନିର୍ଦ୍ଦେଶାବଳୀର ବ୍ୟବସ୍ଥା ଅନୁସାରେ ଏନ.ଏ.ସି. ଗଠନ ପାଇଁ ସମସ୍ତ ପ୍ରକ୍ରିୟା ସମାପ୍ତ ହେବା ପରେ ଏନଏସିର ରୂପରେଖ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଉତ୍ତରରେ କହିଥିଲେ।

## ରେଳ ଷ୍ଟେସନରୁ ନାବାଳକ ଉଦ୍ଧାର

ବାଲେଶ୍ୱର,୨୩।୯ (ସମିସ): ଖଡ଼ଗପୁର ଏବଂ ବାଲେଶ୍ୱର ଷ୍ଟେସନରେ ଆରପିଏଫ କର୍ମଚାରୀ କିଛି ନାବାଳକମାନଙ୍କୁ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଛି। ଖଡଗପୁର ଡିଭିଜନର ରେଳ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀମାନେ ଦୁଇଟି ପୃଥକ ଘଟଣାରେ ନାବାଳକଙ୍କୁ ଉଦ୍ଧାର କରି ସଠିକ ଯାଞ୍ଚ କରି ସେମାନଙ୍କୁ ଚାଇଲ୍ଡଲାଇନ କର୍ତ୍ତୃପକ୍ଷଙ୍କୁ ସୁରକ୍ଷିତ ଭାବରେ ହସ୍ତାନ୍ତର କରିଛନ୍ତି। ବାଲେଶ୍ୱର ଷ୍ଟେସନରେ କାର୍ଯ୍ୟରତ ଥିବା ସମୟରେ ଆରପିଏଫ କର୍ମଚାରୀମାନେ ଜଣେ ନାବାଳକଙ୍କୁ ଏକ ବ୍ୟାଗ ସହିତ ଏଣେତେଣେ ବୁଲୁଥିବା ଲକ୍ଷ୍ୟ କରିଥିଲେ। ସେମାନେ ଉକ୍ତ ନାବାଳକକୁ ପଚରାଉଚରା କରିବା ପରେ ଜଣେ ସମ୍ପର୍କୀୟ ତାଙ୍କୁ ବାଲେଶ୍ୱର ଷ୍ଟେସନରେ ଛାଡ଼ିବା ପରେ ସେ ଆସାମକୁ ଏକୁଟିଆ ଯାତ୍ରା କରୁଥିଲେ। କିନ୍ତୁ ତାଙ୍କ ପାଖରେ କୌଣସି ପରିଚୟ ପତ୍ର କିମ୍ବା ଯୋଗାଯୋଗ ବିବରଣୀ ନ ଥିଲା। ତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବାଳକଟିକୁ ଆରପିଏଫ ପୋଷ୍ଟକୁ ନେଇଥିଲେ। ସେଠାରେ ସେମାନେ ତୁରନ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶିଶୁ କଲ୍ୟାଣ କମିଟିକୁ ଜଣାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଉପଯୁକ୍ତ ସ୍ୱୀକୃତି ଏବଂ କାଗଜପତ୍ର ସହ ଚାଇଲ୍ଡଲାଇନ ଦଳକୁ ହସ୍ତାନ୍ତର କରିଥିଲେ। ସେହିପରି ଖଡଗପୁର ରେଲୱେ ଷ୍ଟେସନରେ ସମୟରେ ବିଦ୍ୟାଳୟ ୟୁନିଫର୍ମ ପିନ୍ଧିଥିବା ତିନିଜଣ ବିନା ଉଦ୍ଦେଶ୍ୟରେ ପ୍ଲାଟଫର୍ମରେ ବୁଲୁଥିବା ଆରପିଏଫ ପୁଲିସ କର୍ମଚାରୀ ଦେଖିବାକୁ ପାଇଥିଲେ। ପରେ ପୁଲିସ ସେମାନଙ୍କୁ ପଚରାଉଚରା କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଥିଲେ।

## ସଫେଇ ମିତ୍ର ସୁରକ୍ଷା ଶିବିର

ବାଲିଆପାଳ, ୨୩।୯ (ସମିସ): ବାଲିଆପାଳ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏହି ଶିବିରରେ ଜିଲ୍ଲା ପରିମଣ ସଂଯୋଜିକା ସ୍ୱର୍ଣ୍ଣଲତା ମହାନ୍ତି, ଏବିଡିଓ ଶରତ ମୁଦୁଲି, ଏଇଇ ଅମିତ ମୁର୍ମୁ, ଜିପିଡିଓ ପ୍ରୀୟବ୍ରତ ଗିରି, ଏପିଓ ସୈମ୍ୟକାନ୍ତ ଦାସ ପ୍ରମୁଖ ଯୋଗଦେଇ ଥିଲେ। ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସଦସ୍ୟ ଏବଂ ସଫେଇ ମିତ୍ର ମାନଙ୍କୁ ବୃକ୍ଷ ରୋପଣ ପରେ ତାର ଯତ୍ନ ନେବା ପାଇଁ ସଚେତନ କରାଯାଇଥିଲା। ବିଆରସିସି ସୁପ୍ରୀୟା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୨୫ ତାରିଖ ଦିନ ବ୍ଲକ ପରିସର ଏବଂ ଡଗରା ବେଳାଭୂମିଠାରେ ସଫେଇ କରାଯିବ ବୋଲି ସୁଚନା ମିଳିଛି।

● ଜିଲ୍ଲାରେ ୨୬୦ମିମି ବର୍ଷାର ପରିମାଣ ରେକର୍ଡ

## ସତର୍କ ସଙ୍କେତ ଉପରେ ଜଳକା

ବାଲେଶ୍ୱର,୨୩।୯ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଜିଲ୍ଲାର ସମସ୍ତ ବ୍ଲକରେ ହୋଇଥିବା ବେଳେ ଭୋଗରାଇ ବ୍ଲକରେ ସର୍ବାଧିକ ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଅନ୍ୟପଟେ ଏହି ଲଘୁଚାପ ପାଇଁ ବାଲେଶ୍ୱର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଦୁଇଦିନ ହେବ ଜିଲ୍ଲାରେ ଲାଗି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା। ଜିଲ୍ଲାରେ ୨୬୦ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ବିଶେଷ କରି ଭୋଗରାଇରେ ସର୍ବାଧିକ ୮୮ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଥିବା ବେଳେ ବସ୍ତାରେ ୨୪ମିମି, ଜଳେଶ୍ୱରରେ ୧୭ ମିମି, ବାଲିଆପଳରେ ୩୧ ମିମି, ବାଲେଶ୍ୱରରେ ୭ମିମି, ରେମୁଣାରେ୧୪ ମିମି, ନୀଳଗିରିରେ୨୨ ମିମି, ସୋରରେ ୧୩ ମିମି, ବାହାନଗାରେ ୫ ମିମି, ସିମୁଳିଆରେ ୧୧ମିମି, ଖଇରାରେ ୯ମିମି ଏବଂ ଔପଦାରେ ୧୯ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଫଳରେ ୨୧.୬୭ ଆଭରେଜରେ ଜିଲ୍ଲାରେ ମୋଟ ୨୬୦ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ବର୍ଷା ଯୋଗୁ ଜିଲ୍ଲାରେ ଥିବା ତିନୋଟି ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଜଳକା ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ବର୍ତ୍ତମାନ ୬.୦୩ମିଟରରେ ପ୍ରବାହିତ ହେଉଛି। ଏହାଛଡା ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୪୫ମିଟର ରହିଛି। ବର୍ତ୍ତମାନ ୫.୮୭ମିଟରରେ ପ୍ରବାହିତ ହେଉଛି। ସେହିପରି ବୁଢ଼ାବଳଙ୍ଗ ନଦୀର ବିପଦ ସଙ୍କେତ ୮.୧୩ମିଟର ଥିବା ବେଳେ ସତର୍କ ସଙ୍କେତ ୭.୨୧ମିଟର ରହିଛି। ବର୍ତ୍ତମାନ ୩.୪୪ ମିଟରରେ ଏହାର ଜଳସ୍ତର ପ୍ରବାହିତ ହେଉଛି। ଏଣୁ ଏହି ଲଘୁଚାପକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାକୁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏ ନେଇ ଜିଲ୍ଲାରେ ଏକ ଜରୁରୀ ବୈଠକ ୨୫ ତାରିଖରେ ହେବାକୁ ଥିବା ବେଳେ ଏହି ଲଘୁଚାପ ଜନିତ ଲଗାଣ ବର୍ଷା ଉପରେ ଜିଲ୍ଲା ପ୍ରଶାସନ ନଜର ରଖିଛି।

## ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣକୁ ସିପିଏମ୍‌ର ନିନ୍ଦା




ଜଳେଶ୍ୱର ବ୍ଲକ,୨୩।୯ (ସମିସ): ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ବିଭିନ୍ନ ଅଫିସରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ଉପରେ ଦଳୀୟ କର୍ମୀଙ୍କ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ପ୍ରାୟୋଜିତ ଆକ୍ରମଣକୁ ସିପିଏମ୍ ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଘୋର ନିନ୍ଦା କରାଯାଇଛି। ଗତ ୧୯ ତାରିଖ ଦିନ ଜଳେଶ୍ୱର ବ୍ଲକ ଅଫିସରେ କାର୍ଯ୍ୟରତ ମହିଳା କର୍ମଚାରୀ ସଲିମା ରାଉତଙ୍କ ଉପରେ ଭାରତୀୟ ଜନତା ପାର୍ଟିର କିଛି ନେତା ଓ କର୍ମୀ ମିଳିତ ହୋଇ ଏକ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରିବା ଏବଂ ସେମାନଙ୍କ କଥା ନ ଶୁଣିଲେ କଳାହାଣ୍ଡି ବଦଳି କରିଦିଆ ଯିବାର ଧମକ ଦିଆଯାଇଥିଲା ବୋଲି ଶ୍ରୀମତୀ ରାଉତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ସହିତ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ମାତ୍ର ଥାନାଧିକାରୀଙ୍କ ନିଷ୍କ୍ରିୟତା କେଉଁଠି ନା କେଉଁଠି ସନ୍ଦେହକୁ ଘନୀଭୂତ କରୁଛି। ପ୍ରଥମେ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଏକ ନିରପେକ୍ଷ ତଦନ୍ତ ହେଉ ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସିପିଏମ୍‌ର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଦୀପ୍ତିମାନ ଆଚାର୍ଯ୍ୟ, ବରିଷ୍ଠ ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରି, ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ମମି ପଣ୍ଡା, ରବୀନ୍ଦ୍ର ବାରିକ ଜୀବନ ପରିଡ଼ା, ପଲ୍ଟୁ ଦାସ, ରାଜୀବ ପଣ୍ଡା ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

## ନୀଳମଣି ମହାବିଦ୍ୟାଳୟରେ ସ୍ମୃତିସଭା




ବାଲେଶ୍ୱର,୨୩।୯ (ସମିସ): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପୂର୍ବତନ ମେଧାବୀ ଛାତ୍ର ସ୍ୱର୍ଗତ ସେକ ରୁହୁଲ୍ଲାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ଼. ତପନ କୁମାର ବେହେରା ଏହି ସଭାରେ ଅଧ୍ୟକ୍ଷତା କରି ରୁହୁଲ୍ଲାଙ୍କ ଅଧ୍ୟୟନ ଜୀବନର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପିକା କଳ୍ପନା ମଞ୍ଜରୀ ପାତ୍ର, ଅଧାପକ ସତ୍ୟେନ୍ଦ୍ର କୁମାର ପାଲ ଯୋଗଦେଇଥିଲେ।

## ମଦ ଜବତ, ୩ ଗିରଫ

ଭୋଗରାଇ, ୨୩।୯ (ସମିସ) : ଭୋଗରାଇ ଅବକାରୀ ଥାନା ପକ୍ଷରୁ ଭୋଗରାଇର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୪୭ ଲିଟର ବେଙ୍ଗଲ ମାର୍କା ଓ ଦେଶୀ ମହୁଲି ଚୋରା ମଦ ସହିତ ୩ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଜଳେଶ୍ୱର ବ୍ଲକ ଝାଡ଼ପିପଳ ଗ୍ରାମର ଆଶାଲତା ସାହୁ ୯ ଲିଟର, ଭୋଗରାଇ ବ୍ଲକ ବର୍ଦ୍ଧନା ଗ୍ରାମର ଅନନ୍ତ ପ୍ରଧାନ ପାଖରୁ ୧୭ ଲିଟର ଓ ଭୋଗରାଇର ଶକୁନ୍ତଳା ବେହେରାଙ୍କ ପାଖରୁ ୨୧ଲିଟର ମଦ ଜବତ କରିଛି ଅବକାରୀ ବିଭାଗ। ଏ ନେଇ ଭୋଗରାଇ ଅବକାରୀ ଥାନାରେ ମାମଲା ରୁଜୁ ହୋଇଛି। ଏହି ଚଢ଼ଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

## ବେଗୁନିଆ ପାହାଡ଼ରୁ ଦିବାରାତ୍ର ପଥର ଲୁଟ୍



**ପ୍ରଶାସନ ଓ ଖଣି ବିଭାଗ ନିରବଦ୍ରଷ୍ଟା**

ନୀଳଗିରି, ୨୩।୯ (ସମିସ)

ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଧୀନରେ ଥିବା ବେଗୁନିଆ ପଥର ଖାଦାନ, ପଥର ଚଟାଣ ଓ ପାହାଡ ଉପରେ ଦିବାରାତ୍ର ବେଧଡକ ଭାବେ ପଥର ଲୁଟ ହୋଇ ଚାଲିଥିବାବେଳେ ପ୍ରଶାସନ ଓ ଖଣି ବିଭାଗର ନିରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଥର ମାଫିଆମାନେ ବେଗୁନିଆ ପାହାଡ଼କୁ ନିଜ କବଜାକୁ ନେଇ ବେଧଡକ ଓ ବେଆଇନ ଭାବେ ପଥର ବ୍ଲାଷ୍ଟିଂ ସହ ପାହାଡ଼ ଶିଖରରୁ ବଡ଼ ବଡ଼ ପଥର ସବୁ ତଳକୁ ଖସାଇ ଏକାଧିକ ଶ୍ରମିକ ଲଗାଇ ପଥର ଫଟାଇ ମେଟାଲ କରାଯିବା ପରେ ବାହାରକୁ ସ୍ଥାନାନ୍ତର ହେଉଛି। ସେହିପରି ତଳେ ଥିବା ପାହାଡ଼ର ବଡ ବଡ ପଥରକୁ ନିଆଁ ଲଗାଯାଇ ଫଟାଯିବା ପରେ ଛୋଟ ଛୋଟ କରି ମେଟାଲ ପ୍ରସ୍ତୁତ କରାଯାଇ ଚୋରାରେ ଚାଲାଣ କରୁଛନ୍ତି। ଦିନକୁ ଦିନ ଅବାଧରେ ବେଆଇନ ପଥର ଉତ୍ତୋଳନ ବୃଦ୍ଧି ପାଉଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ଘଟିବା ସହ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବେଗୁନିଆ ପାହାଡ଼ ଦିନେ ଭରପୁର ମାତ୍ରାରେ ଜଙ୍ଗଲ ଥିଲା। ଏହି ପଥରଖାଦାନ ସରକାରୀ ସ୍ତରରେ ବହୁ ବର୍ଷ ଧରି ବନ୍ଦ ରହିଥିବା ବେଳେ ବେଗୁନିଆ ପାହାଡ ସଂଲଗ୍ନ ରହିଥିବା କାଣ୍ଡି କାଣ୍ଡି ମେଟାଲକୁ ଦେଖିଲେ ଲାଗିବ ଏହି ଖାଦାନକୁ କେହି ଠିକାସୂତ୍ରରେ ନେଇଛନ୍ତି କି ? ମାତ୍ର ସରକାରୀ ନିୟମକୁ ମାଫିଆମାନେ ଖୋଲାଖୋଲି ଉଲ୍ଲଂଘନ କରି ପଥର ଉତ୍ତୋଳନ କରୁଛନ୍ତି। ଅଞ୍ଚଳରେ ଜନବସତିର ଲୋକମାନେ ବିପଦସଂକୁଳ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି। ବେଆଇନ ପଥର ଉତ୍ତୋଳନ ବନ୍ଦ କରା ନ ଗଲେ ଧୀରେ ଧୀରେ ସବୁଜିମା ନଷ୍ଟ ହେଉଛି। ଏସବୁ ପ୍ରଶାସନର ଜାଣତରେ ହେଉଥିଲେ ମଧ୍ୟ ପ୍ରଶାସନ ଓ ଖଣି ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲାପାଳ ଏହି ବେଆଇନ ପଥର ଉତ୍ତୋଳନ ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସରସ୍ୱତୀ ମିଶ୍ର
ଗ୍ରାମ -ବାହାଡ଼ା, ଖଣ୍ଡପଡ଼ା, ନୟାଗଡ଼
ଆବିର୍ଭାବ-୨୦.୦୬.୧୯୪୪
ତିରୋଧାନ-୧୩.୦୯.୨୦୨୫

ବୋଉ, ତୁ ଏକା ଆମ ୬ ଭାଇ ଭଉଣୀଙ୍କର ଜନ୍ମଦାତ୍ରୀ ନ ଥିଲୁ। ସବୁବେଳେ ସବୁ ଭଣଜା ଭାଣିଜୀ ମାନଙ୍କୁ ତୋ ପୁଅ ଝିଅ ବୋଲି ଭାବି ଥିଲୁ। ସ୍ନେହ, ଶ୍ରଦ୍ଧା, ବାତ୍ସଲ୍ୟ ମମତା ର ମୂର୍ତ୍ତି ମୟୀ ଶକ୍ତି ପରି ଆମ ପାଇଁ ଲକ୍ଷ୍ମୀ ଦେବୀ ଥିଲୁ। ପର ଆପଣା ଭାବନା ଠାରୁ ବହୁ ଦୂରରେ ତୁ ଥିଲୁ। ଭୋକିଲା ର ପେଟ ଚିହ୍ନି ତାକୁ କ୍ଷୁଧା ତୃଷା ରୁ ସନ୍ତୁଷ୍ଟ କରୁଥିଲୁ। ହଠାତ ଆମ କୁ ଛାଡି ବିଷ୍ଣୁ ଲୋକକୁ ଚାଲିଗଲୁ। ସେଠାରେ ଥାଇ ଆମକୁ ଆଶୀର୍ବାଦ ଦେ, ଆମେ ପୁଣି ଥରେ ତୋର ସନ୍ତାନସନ୍ତତି ହେଇ ଜନ୍ମ ନେବୁ।

ଶୋକସନ୍ତପ୍ତ: ତୋର ହତଭାଗ୍ୟ ପୁଅ ବୋହୁ, ଝିଅ ଜ୍ୱାଇଁ, ଭଣଜା ଭାଣେଜୀ, ନାତି ନାତୁଣୀ ଏବଂ ଆତ୍ମୀୟ ସ୍ୱଜନ...

### ନବରାତ୍ରର ଦ୍ୱିତୀୟ ଦିବସ

# ‘ବ୍ରହ୍ମଚାରିଣୀ’ ସ୍ୱରୂପରେ ପୂଜା ପାଇଲେ ବଗଳାମୁଖୀ



ବାଲେଶ୍ୱର,୨୩।୯ (ସମିସ): ସହର ଉପକଣ୍ଠ ତାମୁଲିଆସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ ମା’ ବଗଳାମୁଖୀଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ନବରାତ୍ର ପୂଜା ଚାଲିଛି। ପ୍ରଥମ ଦିବସରେ ମା’ଙ୍କୁ ହିମାଳୟ ରାଜାଙ୍କ କନ୍ୟା ରୂପେ ଶୈଳପୁତ୍ରୀ ସ୍ୱରୂପରେ ଅର୍ଚ୍ଚନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିବସରେ ତପ, ତ୍ୟାଗ ଓ ଶକ୍ତିର ଦେବୀ ଭାବେ ବ୍ରହ୍ମଚାରିଣୀ ସ୍ୱରୂପରେ ମା’ ପୂଜା ପାଇଛନ୍ତି। ଏହି ସ୍ୱରୂପରେ ମା’ଙ୍କ ଦୁଇନାମ ହେଲା ଅପର୍ଣ୍ଣା ଓ ଉମା। ଏହି ସ୍ୱରୂପରେ ମା’ଙ୍କ ଦକ୍ଷିଣ ହସ୍ତରେ ମନ୍ତ୍ର ଜପାମାଳି ଓ ବାମ ହସ୍ତରେ କମଣ୍ଡଳୁ ଶୋଭାପାଇଥାଏ। ତପସ୍ୟାର ତେଜରେ ଦେବୀଙ୍କ ଏହି ରୂପ ତେଜୋଦୀପ୍ତ ଭାବେ ଦର୍ଶିତ ହୋଇଥାନ୍ତି। ଏକାଗ୍ର ମନରେ ବ୍ରହ୍ମଚାରିଣୀ ସ୍ୱରୂପକୁ ଅର୍ଚ୍ଚନ କଲେ ମା’ଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ରୂପରେ ମା’ ନିଜ ଭକ୍ତଙ୍କ ସମସ୍ତ ମନୋସ୍କାମନା ପୂରଣ କରିଥାନ୍ତି। ପୂର୍ବଜନ୍ମରେ ମା’ ବ୍ରହ୍ମଚାରିଣୀ ପର୍ବତରାଜ ହିମାଳୟଙ୍କ ପୁତ୍ରୀ ରୂପେ ଜନ୍ମ ନେଇଥିଲେ। ଭଗବାନ ଶଙ୍କରଙ୍କୁ ସ୍ୱାମୀ ରୂପେ ପାଇବାକୁ ସେ କଠୋର ତପସ୍ୟା କରିଥିଲେ। ଏଥିପାଇଁ ମା’ ଅତ୍ୟନ୍ତ ଦୁର୍ବଳ ହୋଇ ପଡିଥିଲେ। ମା’ଙ୍କ ଏକନିଷ୍ଠ ତପସ୍ୟା ଦେଖି ସମସ୍ତ ଦେବଦେବୀ, ମୁନୀ ଋଷି ତାଙ୍କ ମନୋସ୍କାମନା ପୂରଣ ପାଇଁ ଆଶୀର୍ବାଦ ଦେଇଥିଲେ। ସେଥିପାଇଁ ତାଙ୍କୁ ବ୍ରହ୍ମଚାରିଣୀ କୁହାଯାଏ। ବ୍ରହ୍ମ ଅର୍ଥ ତପସ୍ୟା ଓ ଚାରିଣୀ ଅର୍ଥ ଆଚରଣ। ଅର୍ଥାତ୍ ଦେବୀ ତପ ଆଚରଣ କରିଥାନ୍ତି। ଏଣୁ ମା’ଙ୍କ ଦକ୍ଷିଣ ହସ୍ତରେ ଜପ ମାଳା ଓ ବାମ ହସ୍ତରେ କମଣ୍ଡଳ ଶୋଭାପାଇଥାଏ। ଧାର୍ମିକ ମାନ୍ୟତା ଅନୁଯାୟୀ, ମା’ବ୍ରହ୍ମଚାରୀଣିଙ୍କୁ ପୂଜା କଲେ ତପ ତ୍ୟାଗ, ବୈରାଗ୍ୟ, ସଦାଚାର ଓ ସଂଯମ ବୃଦ୍ଧି ପାଇଥାଏ। ଦେବୀଙ୍କ ଆରାଧନା କଲେ ବ୍ୟକ୍ତିର ଆୟବଳ ବୃଦ୍ଧି ପାଇଥାଏ ଯାହାଦ୍ୱାରା ଜୀବନରେ ଆସୁଥିବା ସଙ୍କଟକୁ ଧୈର୍ଯ୍ୟର ସହ ସାମ୍ନା କରିବାକୁ ଶକ୍ତିପ୍ରାପ୍ତ ହୋଇଥାଏ। ନବରାତ୍ରର ତୃତୀୟ ଦିବସରେ ମା’ଙ୍କୁ ଚନ୍ଦ୍ରଘଂଟା, ଚତୁର୍ଥ ଦିବସରେ କୁଷ୍ମାଣ୍ଡ, ପଞ୍ଚମ ଦିବସରେ ସ୍କନ୍ଦମାତା ସ୍ୱରୁପରେ ଅର୍ଚ୍ଚନ କରାଯିବ। ଅନୁରୂପ ଭାବେ ଷଷ୍ଠ ଦିବସରେ କାତ୍ୟାୟନୀ, ମହାସପ୍ତମୀରେ କାଳରାତ୍ରି, ମହାଅଷ୍ଟମୀରେ ମହାଗୌରୀ ଓ ମହାନବମୀରେ ସିଦ୍ଧିଦାତ୍ରୀ ସ୍ୱରୂପରେ ମା’ଙ୍କ ପୂଜାର୍ଚ୍ଚନା କରାଯିବା ନେଇ ଶାସ୍ତ୍ର ସମ୍ମତ ବିଧି ରହିଛି। ଏଥିରେ ପ୍ରତ୍ୟେହ ପ୍ରାତଃକାଳରୁ ରାତ୍ରି ପର୍ଯ୍ୟନ୍ତ ଷୋଡ଼ଶ ଉପଚାର ପୂଜା ସହିତ ସଂଧ୍ୟାରେ ସପ୍ତଶତୀ ଚଣ୍ଡିପାଠ ଓ ଅନ୍ତେ ୧୦୮ ଆହୁତି ପ୍ରଭୃତି କର୍ମକାଣ୍ଡ ମାଧ୍ୟମରେ ନିୟମିତ ପୂଜାର୍ଚ୍ଚନା ହେଉଛି ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ। ନବମୀ ଦିନ ଯଜ୍ଞ ପୂର୍ଣ୍ଣାହୁତିରେ ମା’ଙ୍କ ନବରାତ୍ର ପୂଜା ସମ୍ପନ୍ନ ହେବ।

## ବାଲି ଉତ୍ତୋଳନ ରାସ୍ତା ତାଡ଼ିଦେଲେ ଖଣି ଅଧିକାରୀ



ଜଳେଶ୍ୱର୍ ବ୍ଲକ, ୨୩।୯ (ସମିସ) : ଦକ୍ଷିଣପ୍ରହରାଜପୁର ବାଲି ଉତ୍ତୋଳନ ରାସ୍ତା ତାଡିଦେଲେ ଜୁନିୟର ଖଣି ଅଧିକାରୀ। ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଛନ୍ତି ମାଫିଆ ମାନେ। ଜଳେଶ୍ୱର ତହସିଲ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ନିକଟରେ ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବରେ ବାଲି ଉତ୍ତୋଳନ କରି ଚୋରା ଚାଲାଣ ହେଉଥିବା ନେଇ ସୂଚନା ପାଇ ଆଜି ଜଳେଶ୍ୱର ଜୁନିୟର ଖଣି ବିଭାଗ ଅଧିକାରୀମାନେ ଏହି ବାଲି ଖାଦାନର ମୁଖ୍ୟ ରାସ୍ତାକୁ ଜେସିବି ସାହାଯ୍ୟରେ ଖୋଳି ଦେଇଛନ୍ତି। ଜଳେଶ୍ୱର ଅତିରିକ୍ତ ତହସିଲଦାର ନିଧି ବେହେରା, ରାଇବଣିଆ ଥାନାଧିକାରିଣୀ ଲୋପାମୁଦ୍ରା ପଣ୍ଡା, ଜଳେଶ୍ୱର ଜୁନିୟର ଖଣି ଅଧିକାରୀ ତାପସ ବେହେରା, ବସ୍ତା ଜୁନିୟର ଖଣି ଅଧିକାରୀ ସତ୍ୟ ଚିନ୍ମୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସରକାରୀ ଯୋଜନା ଭାଗବଣ୍ଟାରେ ପାତରଅନ୍ତର

## ଅଧିକାରୀ-ନିର୍ବାଚିତ ପ୍ରତିନିଧି ମୁହାଁମୁହିଁ; କାମ ଠପ୍



ବିଜାତଳା, ୨୩।୯ (ସମିସ): ବିଜାତଳା ବିଡିଓ ବଂଶୀଧର ଖୋସଲା ସରକାରଙ୍କ ଗାଇଡ ଲାଇନକୁ ସମ୍ପୂର୍ଣ୍ଣଭାବେ ଉଲ୍ଲଙ୍ଘନ କରି ଜନପ୍ରତିନିଧିଙ୍କୁ ଅଣଦେଖା କରୁଥିବା ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବ୍ଲକକୁ ଆସିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ମଧ୍ୟରୁ ନୂଆ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା, ସରକାରଙ୍କ ଗାଇଡ ଲାଇନ ଅଛି ଯେ, ଜନପ୍ରତିନିଧିଙ୍କ ଭାଗ ଷାଠିଏ ଏବଂ ବିଧାୟକଙ୍କ ଭାଗ ଚାଳିଶ; କିନ୍ତୁ ବିଡ଼ିଓ କୌଣସି ନା କୌଣସି ସରକାରଙ୍କ ଚାପରେ ପଡ଼ି ବିଧାୟକ ଭାଗ ଷାଠିଏ ଏବଂ ପ୍ରତିନିଧିଙ୍କ ଭାଗ ଚାଳିଶ ବଣ୍ଟନ କରୁଥିବାରୁ ୪ ମାସ ହେଲା ଅଙ୍କ ଛିଡୁନି। ଏ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଅପରପକ୍ଷରେ ପଞ୍ଚାୟତ ସମିତି ବିଜେଡି ହାତରେ ଥିବାବେଳେ ବିଧାୟକ ଏବଂ ସରକାର ବିଜେପି ହାତରେ ରହିଛି। ତେଣୁ ଛକାପଞ୍ଝା ରାଜନୀତିରେ ବିଡ଼ିଓ ପେଶି ହେଉଛନ୍ତି। ତେବେ ଜନପ୍ରତିନିଧିଙ୍କ ହକ୍‌କୁ ବିଡିଓ ଅଣଦେଖା କରୁଛନ୍ତି। ଫଳରେ ଗାଁ, ସାହି ପଡ଼ିଶାରେ ନିର୍ବାଚିତ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଅସନ୍ତୋଷ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଜଣାପଡ଼ିବ ବୋଲି ଚର୍ଚ୍ଚା ଜୋର୍ ଧରିଚି। ମନୋରେଗା କାମ ସମ୍ପୂର୍ଣ୍ଣ ଠପ୍। ଗ୍ରାମରେ କୌଣସି ଜବ୍ କାମ ନ ହେବାରୁ କାର୍ଡଧାରୀମାନେ ହାତବାନ୍ଧି ବସିରହିଛନ୍ତି। ପାର୍ବଣ ଆସୁଥିବାରୁ ବାଧ ହୋଇ ଦାଦନ ଯିବାକୁ ସଜବାଜ ହେଉଛନ୍ତି ଲୋକେ। ଏଠାରେ ବିଜେଡ଼ିର ବ୍ଲକ ଅଧକ୍ଷା ଥିବାରୁ ନିର୍ବାଚିତ ପ୍ରତିନିଧି, ଅଧିକାରୀମାନେ ଚୁପ୍ ରହିବା ପାଇଁ ବାଧ ହେଉଛନ୍ତି।

## ବହିର୍ବିଭାଗ ବନ୍ଦ: ୫ ଘଣ୍ଟା ପଡ଼ିରହିଲେ ଅନ୍ତେବାସୀ

ବିଜାତଳା, ୨୩।୯ (ସମିସ): ବିଜାତଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଠିକ ସମୟରେ ଚିକିତ୍ସା ନ ପାଇଁ ପୁଣି ହନ୍ତସନ୍ତ ହୋଇଛନ୍ତି ରୋଗୀ। ବହିର୍ବିଭାଗ ବନ୍ଦ ଥିବା ଯୋଗୁଁ ଦୀର୍ଘ ୫ ଘଣ୍ଟା ଧରି ଡାକ୍ତରଖାନା ବାରଣ୍ଡାରେ ପଡ଼ିରହିଲେ ଚିକିତ୍ସିତ ହେବାପାଇଁ ଆସିଥିବା ସରକାରୀ ହଷ୍ଟେଲର ଅନ୍ତେବାସୀ। ସୂଚନା ଯୋଗ୍ୟ ଯେ ସୋମବାର ପୂର୍ବାହ୍ନରେ ଚିକିତ୍ସିତ ପାଇଁ ଆସିଥିଲେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ହଷ୍ଟେଲରେ ଅନ୍ତେବାସୀ। ତେବେ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ବହିର୍ବିଭାଗ ବନ୍ଦ ହୋଇଯାଇଥିବାରୁ ଅନ୍ତେବାସୀଙ୍କ ଚିକିତ୍ସା ହୋଇପାରିନଥିଲେ। ଏମାନେ ସରକାରୀ ହଷ୍ଟେଲର ଅନ୍ତେବାସୀ ବୋଲି ଜାଣି ସୁଦ୍ଧା ଡାକ୍ତରଖାନାର କର୍ମଚାରୀ କୌଣସି ତତ୍ପରତା ଦେଖାଇନଥିଲେ। ବହିର୍ବିଭାଗ ଖୋଲା ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। ଫଳରେ ଅନ୍ତେବାସୀ ଏବଂ ହଷ୍ଟେଲ କର୍ମଚାରୀ ବାଧ ହୋଇଥିଲେ ୫ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଯଦି ଏହି ପାଞ୍ଚ ଘଣ୍ଟା ମଧ୍ୟରେ କିଛି ଅଘଟଣ ଘଟିଥାନ୍ତା ତାହାହେଲେ କେହି ଦାୟୀ ରହିଥାନ୍ତେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କୁଆମରା ବିଦ୍ୟାଳୟରୁ ଚୋରି

କୁଆମରା, ୨୩।୯ (ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ଶ୍ରେଣୀ ଗୃହରୁ ରବିବାର ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ୨ଟି ଫ୍ୟାନ ଏବଂ ବହୁ ସାମଗ୍ରୀ ଚୋରି ହୋଇଥିବା ନେଇ ପ୍ରଧାନ ଶିକ୍ଷକ ସୁକାନ୍ତ ଦାସ କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

# ଲଗାଣ ବର୍ଷାରେ ଜୀବନଯାତ୍ରା ପ୍ରଭାବିତ



ଭୋଗରାଇ,୨୩।୯ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ସମଗ୍ର ଭୋଗରାଇ ଅଞ୍ଚଳ ଉବୁଟୁବୁ ହୋଇଛି। ସୋମବାର ଅପରାହ୍ନ ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଆକାଶ ଅନ୍ଧାର ହୋଇ ମୂଷଳ ଧାରାରେ ବର୍ଷା ଲାଗି ରହିଥିଲା। ଅବିଶ୍ରାନ୍ତ ବର୍ଷାରେ ରାସ୍ତା ଘାଟ ପ୍ରବଳ ଜଳର ସ୍ରୋତ ବୋହିବା ସହିତ ଗାଡ଼ିଆ ପୋଖରୀ, ବିଲବାଡି ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇଛି। ଲୋକେ ଘରୁ ପଦାକୁ ଗୋଡ଼ କାଢ଼ି ପାରି ନଥିଲା ବେଳେ ବଜାର, ହାଟରେ ଦୋକାନ ଗୁଡ଼ିକ ଖୋଲିବା ମଧ୍ୟ ସମ୍ଭବ ହୋଇନଥିଲା। ସମ୍ପୂର୍ଣ୍ଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଝାଟି ମାଟି ଘର ଭାଙ୍ଗିଥିବା ଖବର ମିଳିଛି। ବର୍ତ୍ତମାନ ବିଭିନ୍ନ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ପରୀକ୍ଷା ଚାଲିଥିବାରୁ ପିଲାମାନେ ବାଧ ହୋଇ ବର୍ଷରେ ଓଦା ହୋଇ ସ୍କୁଲକୁ ଯିବାକୁ ପଡୁଛି। ସନ୍ଧ୍ୟାରେ ଆକାଶ ମେଘାଛାନ୍ନ ଥିବାବେଳେ ସ୍ଥାନେ ସ୍ଥାନେ ବିକ୍ଷିପ୍ତ ବର୍ଷା ଲାଗିରହିବାରୁ ଜନଜୀବନ ପ୍ରଭାବିତ ହୋଇଛି । ତଳିଆ ଗ୍ରାମରାସ୍ତାରେ ବର୍ଷାଜଳ ଆଣ୍ଠୁଏ ଉପରେ ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଖାଲୁଅ ଜମିରେ ଧାନ ଗଛ ଉପରେ ବର୍ଷା ଜଳ ଲହଡି ଭାଙ୍ଗୁଛି । ଘନ ଘନ ବନ୍ୟା ଓ ବର୍ଷାରେ ପନିପରିବା ଚାଷ ଉଜୁଡି ଯାଇଥିବାରୁ ବରଗଡ଼ କିମ୍ବା ପଶ୍ଚିମବଙ୍ଗ ଉପରେ ଉତ୍ତରବାଲେଶ୍ୱର ଲୋକେ ନିର୍ଭର କରୁଥିବାରୁ ହାଟ ବଜାରରେ ପନିପରିବା ଦାମ ଆକାଶଛୁଆଁ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

# ଇଂ. ଗୋପୀନାଥ ରଣାଙ୍କ ସ୍ମୃତିସଭା



ବାଲେଶ୍ୱର,୨୩।୯ (ସମିସ): ଇଂ ଗୋପୀନାଥ ରଣାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏକ ଶୋକସଭା ରେମୁଣା ବଜାର ସ୍ଥିତ ସାହାଜୀପାଟଣା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କମଳାକାନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ମୁଖ୍ୟ ଆଲୋଚକ ହର୍ଷ ଗୁରୁଜୀ, ସମ୍ମାନିତ ଅତିଥି ଶିକ୍ଷାବିତ ଡ. ଭାଗବତ ପ୍ରସାଦ ଦାସ, ସାମ୍ବାଦିକ ଲକ୍ଷ୍ମୀଧର ଗାଣ, ଦେବବ୍ରତ ମହାରଣା, ରଞ୍ଜିତ ରଣା ପ୍ରମୁଖ ଯୋଗଦେଇ ଇଂ ଗୋପୀନାଥ ରଣା ଏକାଧାରରେ ଜଣେ ଦକ୍ଷ ଇଞ୍ଜିନିୟର, ସଂସ୍କୃତି ପ୍ରେମୀ, ଶିକ୍ଷାବିତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରୀତମ ରଣା ଅତିଥି ପରିଚୟ ଦେଇଥିବା ବେଳେ ଯୋଗେଶ ଚନ୍ଦ୍ର ରଣା କୃତଜ୍ଞତା ଜଣାଇଥିଲେ। ଇଂ ରଣାଙ୍କ ଧର୍ମପତ୍ନୀ ସୁନୀତି ରଣା କବିତା ମାଧ୍ୟମରେ ସ୍ୱାମୀଙ୍କ ମହନୀୟ ଗୁଣାବଳୀକୁ ବର୍ଣ୍ଣନା କରିଥିବା ବେଳେ ଜ୍ୟୋଷ୍ଠ ପୁତ୍ର ସାର୍ଥକ ରଣା ଓ କନିଷ୍ଠ ପୁତ୍ର ଚିରାଗ ରଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ରଣାଙ୍କ ‘ଗୋପୀନାଥ ସ୍ମରଣେଷୁ’ ଶୀର୍ଷକରେ ଏକ ଗ୍ରନ୍ଥ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସରୋଜ ଦାସ, ଅଶ୍ୱର୍ଯ୍ୟ ଦାସ, ସସ୍ମିତା ବିନ୍ଧାଣୀ, ସୁନୀତି ରଣା, ବାସନ୍ତୀ ରଣା, ଜାନକୀ ରଣା ପରିଚାଳନା କରିଥିଲେ।

### ● ଜଳେଶ୍ୱର ଅବକାରୀ ବିଭାଗର ଅଜବ ନୀତି

## ଅଧିକ ମଦ ଜବତ କରି କମ୍ ଦର୍ଶାଉଛି !

ଜଳେଶ୍ୱର ବ୍ଲକ, ୨୩।୯ (ସମିସ): ଜଳେଶ୍ୱର ଅଞ୍ଚଳରେ ବଢି ଚାଲିଛି ଅବାଧରେ ମଦ କାରବାର। ଯାହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିଲା ବେଳେ ଜଳେଶ୍ୱର ଅବକାରୀ ବିଭାଗ କେବଳ ଛୋଟ ଛୋଟ ବ୍ୟବସାୟୀମାନଙ୍କୁ ଧରି ସରକାରଙ୍କୁ ପାଖରୁ ବାହାବା ନେବାକୁ ଚେଷ୍ଟା କରିଛନ୍ତି। ପ୍ରକୃତରେ ଯେଉଁ ବ୍ୟବସାୟୀ ମାନେ ଏହି ପରି ଛୋଟ ଛୋଟ ବ୍ୟବସାୟୀ ମାନଙ୍କୁ ମଦ ଯୋଗାଇ ଆସୁଛନ୍ତି ସେମାନଙ୍କୁ ଆଉ ହାତ ମାରୁ ନାହାଁନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗତ କାଲି ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବରଡିହା ଅଞ୍ଚଳର ଜଣେ ବଡ଼ ବ୍ୟବସାୟୀଙ୍କଠାରୁ ବିପୁଳ ପରିମାଣରେ ମଦ ଜବତ କରି ଅବକାରୀ ଥାନାକୁ ଆଣିଥିବା ବେଳେ କମ୍ ପରିମାଣ ମଦ ଦର୍ଶାଇ ବାହା ବାହା ନେଇଛନ୍ତି ବୋଲି ଚର୍ଚ୍ଚା ସାଧାରଣ ଲୋକ ମାନେ ଆଲୋଚନା କରୁଛନ୍ତି। ଚୋରା ମଦ କାରବାରରେ ଜଡ଼ିତ ବ୍ୟକ୍ତି ଆଜି ଦିବାରେ ଅବକାରୀ ଅଫିସରେ ଘଣ୍ଟା ଘଣ୍ଟା ଧରି ରହିବା ତାଙ୍କ ଭିତିରି ସମ୍ପର୍କ ଥିବା ଏକ ପ୍ରକାର ସ୍ପଷ୍ଟ ବାରୀ ହେଉଛି। ଅବକାରୀ ବିଭାଗରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଯାଏ ସତ୍ୟ ସାମ୍ନାକୁ ଆସିବ ବୋଲି ଜଣା ପଡୁଛି। ଉପରିସ୍ଥ ଅଧିକାରୀ ଏଥି ପ୍ରତି ଧ୍ୟାନ ଦେବାକୁ ଜଳେଶ୍ୱର ବାସୀ ଦାବି କରିଛନ୍ତି, ନଚେତ୍ ଆଗକୁ କିଛି ସେଚ୍ଛାସେବୀ ସଂଗଠନ ଅବକାରୀ କାର୍ଯ୍ୟାଳୟ ଘେରାଉ କରିବାରୁ ଚେତାବନୀ ଦେଇଛନ୍ତି।

## ମହାଲକ୍ଷ୍ମୀ ଅଳଙ୍କାରରୁ ଲୁଟ୍ ଘଟଣାରେ ୨ ଗିରଫ

ରାଜଘାଟ, ୨୩।୯ (ସମିସ): ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ ଫାଣ୍ଡି ଅନ୍ତର୍ଗତ ଅମର୍ଦ୍ଦାରୋଡ ବଜାରର ମହାଲକ୍ଷ୍ମୀ ଅଳଙ୍କାର ଦୋକାନରୁ ଲୁଟ ଘଟଣାରେ ପୁଲିସ ଦୁଇ ଚୋରଙ୍କୁ ଗିରଫ୍ କରିଥିବା ବେଳେ ସେମାନଙ୍କ ନିକଟରୁ ଚୋରି ଅଳଙ୍କାର ସମେତ ଗୋଟିଏ ବାଇକ ଓ ୩ ମୋବାଇଲ ଜବତ ହୋଇଛି। ଗିରଫ୍ ଚୋର ଦ୍ୱୟ ହେଲେ ସିଂଲା ଥାନା ଗିଲାଯୋଡ଼ି ଗ୍ରାମର ଜଗନ୍ନାଥ ଜେନା (୨୫) ଓ ଦେଭୋଗ ଗ୍ରାମର ଜନ୍ମେଜୟ ଜେନା(୩୫)। ଗତ ଗୁରୁବାର ଅର୍ଥାତ୍ ବିଶ୍ୱକର୍ମା ପୂଜା ଦିନ ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦୋକାନର ସଟର ତାଲା ଭାଙ୍ଗି ୩୦ରୁ ୩୫ ଗ୍ରାମ ଓଜନର ସୁନା ଓ ୬ କେଜିର ରୂପା କଞ୍ଚା ମାଲ ଏବଂ ଗହଣା ଚୋରି ହୋଇଥିବା ନେଇ ପ୍ରତିଷ୍ଠାତା ଶ୍ରୀକାନ୍ତ ରଣା ଥାନାରେ ଅଭିଯୋଗ କରିଥିଲେ। ପରେ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ସାଇଣ୍ଟିଫିକ ଟିମ୍ ଧରି ସେଠାରେ ପହଞ୍ଚିଥିଲେ। ୨ଜଣ ଦୁର୍ବୃତ୍ତ ରାତି ପ୍ରାୟ ଦେଢଟା ସମୟରେ ଗାମୁଛା ଓ ଛତା ସାହାଯ୍ୟରେ ମୁହଁକୁ ଘୋଡାଇ ହୋଇ ସଟରର ତାଲା ଭାଙ୍ଗି ଦୋକାନ ଭିତରକୁ ପ୍ରବେଶ କରିଥିବା ଏବଂ ଦୋକାନର ସିସିଟିଭି କ୍ୟାମେରା କନେକ୍ସନକୁ କାଟିଦେଇଥିବା କମ୍ପ୍ୟୁଟରରେ ଗଚ୍ଛିତ ହୋଇଥିବା ଫୁଟେଜରୁ ଜଣାପଡ଼ିଥିଲା। ହସ୍ତଗତ ହୋଇଥିବା ଫୁଟେଜକୁ ଆଧାର କରି ପୁଲିସ ୩୪୧/୨୫ ମୂଳେ ଏକ ମାମଲା ରୁଜୁ କରି ତାର ତଦନ୍ତ ଜାରି ରଖିଥିଲା। ଉକ୍ତ ଚୋରିରେ ଜଗନ୍ନାଥ ଓ ଜନ୍ମେଜୟଙ୍କ ସଂପୃକ୍ତି ଥିବା କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଦୁହିଁଙ୍କ ଘର ଉପରେ ଚଢଉ କରିଥିଲା। ଚଢଉ ସମୟରେ ଦୁହେଁ ଉକ୍ତ ଚୋରିରେ ସାମିଲ ଥିବା ମାନିଯାଇଥିଲେ। ଚଢାଉ ସମୟରେ ପୁଲିସ ସେମାନଙ୍କ ନିକଟରୁ ୩୫୨ ଗ୍ରାମ ଓଜନର ରୂପା ଅଳଙ୍କାର, ଗୋଟିଏ ଚୋରା ବାଇକ ଓ ୩ଟି ମୋବାଇଲ ଜବତ କରିଛି। ଜବତ ଅଳଙ୍କାରର ଆନୁମାନିକ ମୂଲ୍ୟ ସାଢେ ୩ ଲକ୍ଷରୁ ୪ ଲକ୍ଷ ହେବ ବୋଲି ପୁଲିସ ଅନୁମାନ କରିଛି। ମଙ୍ଗଳବାର ଦୁହିଁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଶ୍ରୀ ବାରିକ ସୂଚନା ଦେଇଛନ୍ତି।

## ରାଇରଙ୍ଗପୁରରେ ଚୋରଙ୍କ ଉତ୍ପାତ ବଢୁଛି

ରାଇରଙ୍ଗପୁର, ୨୩।୯ (ସମିସ): ରାଇରଙ୍ଗପୁର ଅଞ୍ଚଳରେ ଚୋରଙ୍କ ଉତ୍ପାତ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଦୁଇଦିନ ମଧ୍ୟରେ ସୁନା ଅଳଙ୍କାର ଲୁଟ ହୋଇଛି। ଦୁର୍ବୃତ୍ତମାନେ ସଫା କରିବା ଆଳରେ ସୁନା ଅଳଙ୍କାର ଲୁଟ କରି ନେଇଥିବା ବେଳେ ବସ୍‌ଷ୍ଟାଣ୍ଡ ନିକଟରୁ କଲେଜ ଅଧ୍ୟାପକଙ୍କ ବେକରୁ ସୁନା ଚେନ୍ ଛିନ୍‌ତାଇ ହୋଇଛି। ହେଲେ ଲଟେରାକୁ ଧରିବାରେ ପୁଲିସ ବିଫଳ ହୋଇଛି। ଗତ ଦୁଇ ଦିନ ଭିତରେ ରାଇରଙ୍ଗପୁର ଏକ ନମ୍ବର ୱାର୍ଡ ବାଇଦାପୋଷିରୁ ଚନ୍ଦନ ପରିଡ଼ାଙ୍କ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ବେଳେ ଟାଉନ ପୁଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ସେହିପରି ବସ୍‌ଷ୍ଟାଣ୍ଡ ନିକଟରେ କୁଚେଇବୁଢୀ ୪ନଂ. ୱାର୍ଡର ଆଦିତ୍ୟ କୁମାର ଆଚାର୍ଯ୍ୟଙ୍କ ଏକ ସୁନା ଚେନ୍ ଲୁଟ ହୋଇଛି। ପୁଲିସ ଦୁଇଟିଯାକ ଘଟଣାରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଘୋଷଣା ପୂର୍ବରୁ ବିଦ୍ୟୁତ କାଟ୍

ମହୁଲଡିହା, ୨୩।୯ (ସମିସ): ଠାକୁରମୁଣ୍ଡା ବ୍ଲକ ସହିତ କେନ୍ଦୁଝର ଜିଲ୍ଲାର ତିନୋଟି ପଞ୍ଚାୟତ ବିଦ୍ୟୁତ ବିଭାଗର ଅବହେଳା ପାଇଁ ହନ୍ତସନ୍ତ ହେଉଛନ୍ତି। ଆସନ୍ତା ୨୩ରେ ବିଦ୍ୟୁତ ବିଭାଗ କରଞ୍ଜିଆଠାରେ ୩୩ କେଭି ଲାଇନର ମରାମତି ପାଇଁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରିଛି; ମାତ୍ର ଠାକୁରମୁଣ୍ଡାରେ ସୋମବାର ମଧ୍ୟାହ୍ନରୁ ଅଘୋଷିତ ବିଦ୍ୟୁତ କାଟ ହୋଇଛି। ଉପଭୋକ୍ତାମାନେ ଅଫିସକୁ ବାରମ୍ବାର ଫୋନ କଲେ ମଧ୍ୟ ଉତ୍ତର ମିଳୁନାହିଁ। ଏପରିକି ଟିପିଏନ ଓଡିଏଲ ଉପଭୋକ୍ତାଙ୍କ ଅଭିଯୋଗ ଗ୍ରହଣ କରୁନାହିଁ।

### ପିଆରଏମ୍‌ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଘରୋଇ ଡାକ୍ତରଖାନା ମୋହରେ ଡାକ୍ତର, ପ୍ରଫେସର ଓ ବିଶେଷଜ୍ଞ

ବାରିପଦା, ୨୩।୯ (ସମିସ)



ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ୍ ଓ ହସ୍ପିଟାଲର ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ସହିତ କାର୍ଡିଓଲୋଜି, ଟ୍ରମା କେୟାର ଓ ସୁପର ସ୍ପେଶାଲିଟି ବିଭାଗ ସ୍ଥାପନ ପାଇଁ ଦାବି ହୋଇଛି। ମଙ୍ଗଳବାର ସରୋଜ କୁମାର ବିଶ୍ୱାଳ ଓ କାଉନସିଲର ଦିଗବିଜୟ ହାଁସଦାଙ୍କ ନେତୃତ୍ୱରେ ଶତାଧିକ ଲୋକ ପ୍ରଥମେ ପିଆରଏମ ସୁପରିଣ୍ଟେଣ୍ଡେଣ୍ଟ ଏବଂ ପରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଏହି ଚିକିତ୍ସାଳୟକୁ କେବଳ ରେଫରାଲ ସେଣ୍ଟର ଭାବରେ ବ୍ୟବହାର କରାଯାଉଥିବାରୁ ତାହାକୁ ତୁରନ୍ତ ବନ୍ଦ ପାଇଁ ଦାବିପତ୍ରରେ ଉଲ୍ଲେଖ ହୋଇଛି। ଦାବି ଅନୁସାରେ କଟକ ଓ ଭୁବନେଶ୍ୱର ଠାରୁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ୨୦୦ କିମି ଦୂର। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ବାରିପଦାରେ ଅବସ୍ଥିତ ଏହି ଚିକିତ୍ସାଳୟଠାରୁ ଜିଲ୍ଲା ସୀମାନ୍ତ ଅଞ୍ଚଳ ୨୦୦କିମି। ଏପରି ସ୍ଥଳେ ଜଣେ ସୀମାନ୍ତ ଅଞ୍ଚଳର ରୋଗୀ କଟକ-ଭୁବନେଶ୍ୱର ଯାଇ ଚିକିତ୍ସିତ ହେବା ସମୟ ସାପେକ୍ଷ ଓ ବ୍ୟୟବହୁଳ। ଏଣୁ ଜିଲ୍ଲାବାସୀଙ୍କ ଆବଶ୍ୟକତାକୁ ଦେଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିଆରଏମ ହସ୍ପିଟାଲ ପ୍ରତିଷ୍ଠା କରିଥିଲେ। ପ୍ରଥମରୁ ଏହା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଛି। ରଙ୍ଗାମାଟିଆଠାରେ ନୂତନ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ବି ସେଠାରେ ଟି ବିଭାଗର ଓପିଡି କାର୍ଯ୍ୟ କରୁଛି। ଏପରି ସ୍ଥଳେ ଜିଲ୍ଲାବାସୀ ତତ୍କାଳ ଓ ଉଚିତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ନିକଟରେ ସନ୍ତୋଷ ବିଶ୍ୱାଳ ନାମକ ଜଣେ ରୋଗୀଙ୍କୁ ପିଆରଏମ୍ ହସ୍ପିଟାଲ ହୃଦ୍‌ରୋଗ ସନ୍ଦେହରେ କଟକ ବଡ ଡାକ୍ତରଖାନାକୁ ରେଫର କରିଥିଲା; କିନ୍ତୁ ସେଠାରେ ଯାଞ୍ଚ ପରେ ତାଙ୍କର ହୃଦ୍‌ରୋଗ ନ ଥିବା ଜଣାପଡ଼ିବାରୁ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପୂର୍ବକ ଉତ୍ତେଜନା ଦେଖାଦେଇଥିଲା। କେବଳ ସନ୍ତୋଷ ନୁହନ୍ତି, ଏପରି ବହୁ ରୋଗୀଙ୍କୁ ଏଠାରେ ଠିକଭାବେ ଚିକିତ୍ସା ନକରି କଟକ ଭୁବନେଶ୍ୱର ରେଫର କରାଯାଉଛି। ପିଆରଏମ ମେଡିକାଲ କଲେଜରେ ନିଯୁକ୍ତ ଡାକ୍ତର, ପ୍ରଫେସର ଓ ବିଶେଷଜ୍ଞ ମଧ୍ୟରୁ ଅଧିକାଂଶ ଘରୋଇ ଡାକ୍ତରଖାନା ଓ ନର୍ସିଂହୋମରେ ଚିକିତ୍ସା ମୋହ ପାଇଁ ସରକାରୀ ସେବା ବାଧାପ୍ରାପ୍ତ ହେଉଛି। ଡାକ୍ତରୀ ଛାତ୍ରଙ୍କ ହାତରେ ଚିକିତ୍ସା ବ୍ୟବସ୍ଥା ନିର୍ଭର ପାଇଁ ଅନେକ ସମୟରେ ରୋଗୀଙ୍କୁ ରେଫର କରାଯାଉଛି। ଅନ୍ୟଥା ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ପରୋକ୍ଷରେ ବାଧ କରାଯାଉଛି। ଏଣୁ ରୋଗୀ ଓ ସମ୍ପର୍କୀୟମାନେ ଅନାବଶ୍ୟକ ଯନ୍ତ୍ରଣା, ଅର୍ଥନୈତିକ କ୍ଷତି ଏବଂ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଓ ହସ୍ପିଟାଲକୁ କେବଳ ରେଫର ସେଣ୍ଟର ଭାବରେ ବ୍ୟବହାର ନ କରି ତୁରନ୍ତ ନୂତନ କ୍ୟାମ୍ପସକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉ ଏବଂ ଏଠାରେ ଖୁବଶୀଘ୍ର କାର୍ଡିଓଲୋଜି ବିଭାଗ, ଟ୍ରମା କେୟାର ଓ ସୁପର ସ୍ପେଶାଲିଟି ବିଭାଗ ସ୍ଥାପନ କରିବାକୁ ଦାବି କରିଛନ୍ତି।

● ଡାକ୍ତରୀ ଛାତ୍ରଙ୍କ ହାତରେ ଚାଲିଛି ସେବା
● କଥା କଥାକେ କଟକ-ଭୁବନେଶ୍ୱରକୁ ରେଫର

